# NATIONAL NEWS BULLETIN (ODIA)

## 02nd April - 2025

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଜିତେନ୍ଦ୍ର କୁମାର ନାୟକ**

## ମୁଖ୍ୟ ସମ୍ବାଦ

- ଷଷ୍ଠ ବିମ୍‌ଷ୍ଟେକ୍ ସମ୍ମିଳନୀରେ ଯୋଗଦେବାପାଇଁ ଆସନ୍ତାକାଲି ଥାଇଲାଣ୍ଡ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ସରକାର ୱାକଫ୍ ବୋର୍ଡ଼କୁ ସମାବେଶୀ ଓ ଧର୍ମ ନିରପେକ୍ଷ କରିବାକୁ ଚାହୁଁଛନ୍ତି; କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ।
- ଦେଶରେ ୭୨୮ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ସରକାରଙ୍କ ଲକ୍ଷ୍ୟ ।
- ଗଭର୍ଣ୍ଣମେଣ୍ଟ ଇ-ମାର୍କେଟ୍‌ପ୍ଲେସ୍ ଦ୍ୱାରା ପ୍ରସ୍ତୁତ ଷ୍ଟାର୍ଟଅପ୍ ମହାକୁମ୍ଭର ଦ୍ୱିତୀୟ ସଂସ୍କରଣ ଆସନ୍ତାକାଲି ନୂଆଦିଲ୍ଲୀରେ ହେବ ଶୁଭାରମ୍ଭ ।

ଏବଂ

- ଆଇ.ପି.ଏଲ୍.ରେ ଆଜି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଗୁଜରାଟ୍ ଟାଇଟନ୍‌ସ ମଧ୍ୟରେ ଆଉ କିଛି ସମୟ ପରେ ହେବ ମୁକାବିଲା ।

## ପି.ଏମ୍. - ଥାଇଲାଣ୍ଡ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଷଷ୍ଠ ବିମ୍ସ୍ଟେକ୍ ସମ୍ମିଳନୀରେ ଯୋଗଦେବାପାଇଁ ଆସନ୍ତାକାଲି ସକାଳେ ଥାଇଲାଣ୍ଡ ଗସ୍ତ କରିବେ । ୨୦୧୬ ଓ ୨୦୧୯ ମସିହା ପରେ ତୃତୀୟ ଥରପାଇଁ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଦୁଇଦିନିଆ ଥାଇଲାଣ୍ଡ ଗସ୍ତରେ ଯାଉଛନ୍ତି । ଗସ୍ତ ଅବସରରେ ଶ୍ରୀ ମୋଦି ଆସନ୍ତାକାଲି ଥାଇଲାଣ୍ଡ ପ୍ରତିପକ୍ଷ ପିଟୋଙ୍ଗ୍‌ଟର୍ଣ୍ଣ ସିନାଓ୍ୱାତ୍ରା'ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଉଭୟ ନେତା ବୈଶ୍ୱିକ ଓ ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗରେ ଆଲୋଚନା ସହିତ ଭାରତ-ଥାଇଲାଣ୍ଡ ମଧ୍ୟରେ ସହଭାଗୀ ସମ୍ପର୍କ ଉପରେ ସମୀକ୍ଷା କରିବେ ବୋଲି କୁହାଯାଇଛି ।

## ଏଲ୍.ଏସ୍. - ଓ୍ୱାକଫ୍

ଲୋକସଭାରେ ଓ୍ୱାକଫ ସଂଶୋଧନ ବିଲ୍ ଉପରେ ଆଜି ଆଲୋଚନା ହୋଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବିଲ୍ ଆଗତ କରି କହିଛନ୍ତି, ମୁସଲ୍‌ମାନଙ୍କ ଧର୍ମୀୟ କାର୍ଯ୍ୟଧାରା ସହ ଏହାର କୌଣସି ସମ୍ପର୍କ ନାହିଁ । ଏହା କେବଳ ଓ୍ୱାକଫ୍ ବୋର୍ଡ଼ର ସମ୍ପତ୍ତି ସହିତ ଜଡ଼ିତ । ସରକାର

ୱାକଫ୍ ବୋର୍ଡ଼କୁ ସମାବେଶୀ ଓ ଧର୍ମନିରପେକ୍ଷ କରିବାକୁ ଚାହୁଁଛନ୍ତି । ଏହି ବିଲ୍ ମସ୍‌ଜିଦ୍‌ଗୁଡ଼ିକର ପରିଚାଳନା ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଶ୍ରୀ ରିଜିଜୁ ସ୍ପଷ୍ଟ କରିଛନ୍ତି । ଏହି ବିଧେୟକଦ୍ୱାରା ପିଛିଲା ଭାବେ କୌଣସି ସଂଶୋଧନ ହେବ ନାହିଁ ଏବଂ କାହାର ସମ୍ପତ୍ତି ଜବତ୍ କରିବା ଏହାର ଉଦ୍ଦେଶ୍ୟ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଏହି ବିଲ୍ ଅନୁଯାୟୀ ୱାକଫ ବୋର୍ଡରେ ବିଭିନ୍ନ ବର୍ଗର ମୁସଲମାନ, ମହିଳା ଏବଂ ଅନ୍ୟ ଅଂଶୀଦାର ପ୍ରତିନିଧି ସଦସ୍ୟ ରହିବେ । ବିଲ୍‌କୁ ନେଇ ବିରୋଧୀ ଦଳ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ୨୦୧୩ରେ ୟୁପିଏ ଶାସନ ସମୟରେ ୱାକଫ୍ ଆଇନରେ ହୋଇଥିବା ସଂଶୋଧନ ଅନ୍ୟ ଆଇନଗୁଡ଼ିକ ଉପରେ ଅଧିକ ପ୍ରଭାବ ପକାଇଥିଲା । କଂଗ୍ରେସ ଶାସନ ସମୟରେ ଦିଲ୍ଲୀର ପ୍ରମୁଖ ଅଞ୍ଚଳରେ ଥିବା ମୋଟ୍ ୧୨୩ଟି ସମ୍ପତ୍ତି ଦିଲ୍ଲୀ ୱାକଫ ବୋର୍ଡକୁ ହସ୍ତାନ୍ତର କରାଯାଇଥିଲା ବୋଲି ସେ କହିଛନ୍ତି । ଯୁଗ୍ମ ସଂସଦୀୟ କମିଟି ବିଭିନ୍ନ କ୍ଷେତ୍ରରୁ ମତାମତ ଗ୍ରହଣ କରିବା ପରେ ସେମାନଙ୍କର ସୁପାରିସ ସରକାରଙ୍କୁ ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ ଗୃହରେ କହିଛନ୍ତି । ବିଶ୍ୱରେ ଭାରତର ସର୍ବାଧିକ ୱାକଫ୍ ସମ୍ପତ୍ତି ରହିଥିବାବେଳେ ମୁସଲ୍‌ମାନମାନେ ଏଠାରେ କାହିଁକି ଗରିବ ବୋଲି ଶ୍ରୀ ରିଜିଜୁ ପ୍ରଶ୍ନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ମୁସଲ୍‌ମାନ ୱାକଫ୍ (ଉଚ୍ଛେଦ) ବିଲ୍-୨୦୨୪କୁ ମଧ୍ୟ ଆଗତ କରିଥିଲେ ।

ଆଲୋଚନାରେ ଭାଗ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, କ୍ୟାବିନେଟ୍‌ଦ୍ୱାରା ଅନୁମୋଦିତ ଯୁଗ୍ମ ସଂସଦୀୟ କମିଟିରେ ବିସ୍ତୃତ ଆଲୋଚନା ପରେ ଏହାକୁ ଆଗତ କରାଯାଇଛି ।

***Voice :........***

ଆଲୋଚନା ଆରମ୍ଭ କରି କଂଗ୍ରେସ ସଦସ୍ୟ ଗୌରବ ଗୋଗେଇ ଏହି ବିଧେୟକ ମାଧ୍ୟମରେ ସରକାର ଲୋକଙ୍କୁ ବିଭ୍ରାନ୍ତ କରୁଥିବା କହିଛନ୍ତି । ଏହି ବିଲ୍ ମାଧ୍ୟମରେ ସରକାର ସମ୍ବିଧାନକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି ବୋଲି ଶ୍ରୀ ଗୋଗେଇ କହିଛନ୍ତି ।

ସମାଜବାଦୀ ପାର୍ଟି ସଦସ୍ୟ ଅଖିଳେଶ ଯାଦବ କହିଛନ୍ତି, ଦରଦାମ୍ ବୃଦ୍ଧି, ବେକାରି ସମସ୍ୟା, ବିମୁଦ୍ରୀକରଣ ଓ ଅନ୍ୟାନ୍ୟ କ୍ଷେତ୍ରର ବିଫଳତାକୁ ଢାଙ୍କିବାପାଇଁ ସରକାର ଏହି ବିଲ୍ ଆଣିଛନ୍ତି ।

ଆଲୋଚନାରେ ଅଂଶଗ୍ରହଣ କରି ବି.ଜେ.ପି. ସଦସ୍ୟ ରବିଶଙ୍କର ପ୍ରସାଦ କହିଛନ୍ତି, ଏହି ଦେଶ ଉଭୟ ହିନ୍ଦୁ ଓ ମୁସଲ୍‌ମାନମାନଙ୍କୁ ସମାନ ଦୃଷ୍ଟିରେ ଦେଖିଥାଏ । ବିତର୍କବେଳେ ସମ୍ବିଧାନର ଧାରାକୁ ବିରୋଧୀ ଦଳଗୁଡ଼ିକ ନିଜକୁ ସୁହାଇଲା ଭଳି ବ୍ୟାଖ୍ୟା କରୁଛନ୍ତି ବୋଲି ଶ୍ରୀ ପ୍ରସାଦ ଅଭିଯୋଗ କରିଛନ୍ତି ।

ତେଲୁଗୁଦେଶମ୍ ପାର୍ଟିର ସଦସ୍ୟ କ୍ରିଷ୍ଣା ପ୍ରସାଦ ତେନେଟି ଓ ସଂଯୁକ୍ତ ଜନତା ଦଳର ସଦସ୍ୟ ତଥା କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଲଲନ୍ ବିଧେୟକକୁ ସମର୍ଥନ କରିଛନ୍ତି ।

# ଆର୍.ଏସ୍. - ଏକଲବ୍ୟ ସ୍କୁଲ୍

ଦେଶରେ ୭୨୮ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଆଜି ରାଜ୍ୟସଭାରେ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ କହିଛନ୍ତି । ଏକ ଲିଖିତ ଉତ୍ତରରେ ସେ କହିଛନ୍ତି, ଏହାଦ୍ୱାରା ୩ ଲକ୍ଷ ୫୦ ହଜାର ତଫସିଲଭୁକ୍ତ ଜନଜାତି ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ । ଅଦ୍ୟାବଧି ମଞ୍ଜୁରୀପ୍ରାପ୍ତ ୭୨୧ଟି ବିଦ୍ୟାଳୟ ମଧ୍ୟରୁ ୪୭୭ଟି ବିଦ୍ୟାଳୟ କାର୍ଯ୍ୟକ୍ଷମ ରହିଛି । ସୂଚନାଯୋଗ୍ୟ, ୨୦୧୮-୧୯ ଶିକ୍ଷାବର୍ଷଠାରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଥିଲା । ଏହି ଯୋଜନାରେ ୫୦ ପ୍ରତିଶତରୁ ଅଧିକ ତଥା ଅନ୍ୟୂନ ୨୦ ହଜାର ଆଦିବାସୀ ଜନସଂଖ୍ୟା ଥିବା ଦେଶର ପ୍ରତ୍ୟେକ ବ୍ଲକ୍‌ରେ ଏଭଳି ବିଦ୍ୟାଳୟ ପ୍ରତିଷ୍ଠା ଲାଗି ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର ସରକାର ଅନ୍ୟାନ୍ୟ ସରକାରୀ ସଂସ୍ଥା ସହ ମିଶି ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି, ଯେଉଁଥିରେ ଆଦିବାସୀ ଛାତ୍ରଛାତ୍ରୀମାନେ ଡିଜିଟାଲ୍ ଓ ଦକ୍ଷତାଭିତ୍ତିକ ଶିକ୍ଷା ପାଇପାରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଉଇକେ କହିଛନ୍ତି ।

# ଷ୍ଟାର୍ଟଅପ୍ ମହାକୁମ୍ଭ - ସେକେଣ୍ଡ ଏଡିସନ୍

ଗଭର୍ଣ୍ଣମେଣ୍ଟ ଇ-ମାର୍କେଟ୍‌ପ୍ଲେସ୍ - GeM ଦ୍ୱାରା ପ୍ରସ୍ତୁତ ଷ୍ଟାର୍ଟଅପ୍ ମହାକୁମ୍ଭର ଦ୍ୱିତୀୟ ସଂସ୍କରଣ ଆସନ୍ତାକାଲି ନୂଆଦିଲ୍ଲୀର ଭାରତମଣ୍ଡପମ୍‌ରେ ଶୁଭାରମ୍ଭ ହେବ । ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍‌ଗୁଡ଼ିକୁ GeM ଜରିଆରେ ସେମାନଙ୍କର ଉତ୍ପାଦ ବିକ୍ରିୟ କରିବା ନିମନ୍ତେ ସମସ୍ତ ସହାୟତା ପ୍ରଦାନ କରାଯିବ । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ଷ୍ଟାର୍ଟଅପ୍‌ଗୁଡ଼ିକ ସେମାନଙ୍କର ଉତ୍ପାଦ ଓ ସେବାକୁ ବିକ୍ରୟ କରିବା ଲାଗି ଏହି ମଞ୍ଚ ସରକାରୀ ଓ ବେସରକାରୀ ବିକ୍ରେତାଙ୍କ ସହ ବଜାରଭିତ୍ତିକ ପ୍ରତ୍ୟକ୍ଷ ଆଲେଚାନାର ସୁଯୋଗ ସୃଷ୍ଟି କରିବ । ଏହି ମହାକୁମ୍ଭରେ ୩ ହଜାରରୁ ଅଧିକ ଷ୍ଟାର୍ଟଅପ୍ ୧ ହଜାରରୁ ଅଧିକ ଇନ୍‌କ୍ୟୁବେଟର ଓ ୧୦ଟି ପ୍ରମୁଖ କ୍ଷେତ୍ରର ଶିଳ୍ପୋଦ୍ୟୋଗୀଙ୍କୁ ଏକତ୍ରିତ କରିବ । ଏହି କାର୍ଯ୍ୟକ୍ରମ ସମୟରେ GeM ନେତୃତ୍ୱରେ ବିଭିନ୍ନ ବୈଠକରେ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ସରକାରୀ କ୍ରୟ କ୍ଷେତ୍ରରେ ରହିଥିବା ସୁଯୋଗ ସମ୍ପର୍କରେ ଆଲୋଚନା କରାଯିବ ।  ସ୍ୱତନ୍ତ୍ର ଅଧିବେଶନ ଜରିଆରେ ଷ୍ଟାର୍ଟଅପ୍‌ଗୁଡ଼ିକୁ ସରକାରୀ କ୍ରୟ କ୍ଷେତ୍ରରେ ସେମାନଙ୍କର ବ୍ୟବସାୟ ବୃଦ୍ଧି କରିବାପାଇଁ ବିଶେଷ ଜ୍ଞାନ ପ୍ରଦାନ କରାଯିବ ।

## ଜେ.କେ. - ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସନ୍ତା ୭ ଓ ୮ ତାରିଖରେ ଜାମ୍ମୁକାଶ୍ମୀର ଗସ୍ତରେ ଯାଇ ସୁରକ୍ଷା ସ୍ଥିତିର ସମୀକ୍ଷା କରିବେ । ଏହି ଅବସରରେ ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହ ପରିସ୍ଥିତି ନେଇ ବିସ୍ତୃତ ଆଲୋଚନା ହେବ । ମନ୍ତ୍ରୀ ଶ୍ରୀ ଶାହା ପୋଲିସ୍, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ଏବଂ ଗୁଇନ୍ଦା ସଂସ୍ଥାର ବରିଷ୍ଠ ଅଧିକାରୀମାନଙ୍କ ସହ ଏହି ବୈଠକରେ ମତ ବିନିମୟ କରିବେ । ଆତଙ୍କବାଦ ବିରୋଧୀ ଅଭିଯାନ, ସୀମା ପାର ଅନୁପ୍ରବେଶ ଏବଂ ଜାମ୍ମୁ କାଶ୍ମୀରର ସାମଗ୍ରିକ ସୁରକ୍ଷା ଉପରେ ବୈଠକରେ ଆଲୋଚନା ହେବାର ଆଶା କରାଯାଉଛି । ଏହି ଗସ୍ତ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଆନ୍ତର୍ଜାତିକ ସୀମାର ଆଗୁଆ ଅଞ୍ଚଳ ଗସ୍ତ କରି ସୁରକ୍ଷା ବ୍ୟବସ୍ଥାର କ୍ଷେତ୍ରୀୟ ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି । ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଏହି ଗସ୍ତ ଅବସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ ।

## ପ୍ରେସିଡେଣ୍ଟ - ପର୍ତ୍ତୁଗାଲ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୭ ତାରିଖରୁ ଚାରିଦିନିଆ ପର୍ତ୍ତୁଗାଲ୍ ଓ ସ୍ଲୋଭାକିଆ ଗସ୍ତରେ ଯିବେ । ଗସ୍ତ ଅବସରରେ ରାଷ୍ଟ୍ରପତି ପର୍ତ୍ତୁଗାଲ୍‌ର

ରାଷ୍ଟ୍ରପତି ମାର୍ଶେଲୋ ରିବେଲୋ ଡି ସୌଜାଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କରିବେ । ଶ୍ରୀମତୀ ମୁର୍ମୁ ପର୍ତ୍ତୁଗାଲ୍‌ର ପ୍ରଧାନମନ୍ତ୍ରୀ ଲୁଇସ୍ ମଣ୍ଟେନେଗ୍ରୋ ଓ ଜାତୀୟ ଆସେମ୍ବ୍ଲିର ଅଧ୍ୟକ୍ଷ ଜୋସ୍ ପେଡ୍ରୋ ଆଗ୍ୱିୟାର ବ୍ରାଙ୍କୋଙ୍କୁ ମଧ୍ୟ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି ।

୨୭ ବର୍ଷ ପରେ ଭାରତୀୟ ରାଷ୍ଟ୍ରପତିଙ୍କର ଏହା ପର୍ତ୍ତୁଗାଲ୍ ଗସ୍ତ ବୋଲି ଜଣାପଡ଼ିଛି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀମତୀ ମୁର୍ମୁଙ୍କର ଏହି ଗସ୍ତ କାର୍ଯ୍ୟକ୍ରମ କରାଯାଇଛି । ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ପର୍ତ୍ତୁଗାଲ୍ ଗସ୍ତ ଶେଷ କରି ଶ୍ରୀମତୀ ମୁର୍ମୁ ଆସନ୍ତା ୯ ତାରିଖରେ ଦୁଇଦିନ ପାଇଁ ସ୍ଲୋଭାକିଆ ଯିବେ । ସେଠାରେ ଶ୍ରୀମତୀ ମୁର୍ମୁ ସ୍ଲୋଭାକିଆ ରାଷ୍ଟ୍ରପତି ପିଟର ପେଲେଗ୍ରିନି ଏବଂ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ସେ ମଧ୍ୟ ସ୍ଲୋଭାକିଆ ଜାତୀୟ ପରିଷଦର ବଚସ୍ପତିଙ୍କୁ ସାକ୍ଷାତ୍ କରିବେ । ୨୯ ବର୍ଷ ପରେ ଭାରତୀୟ ରାଷ୍ଟ୍ରପତି ଭାବେ ଶ୍ରୀମତୀ ମୁର୍ମୁ ସ୍ଲୋଭାକିଆ ଗସ୍ତ କରୁଛନ୍ତି । ସ୍ଲୋଭାକିଆରେ ଶ୍ରୀମତୀ ମୁର୍ମୁ ପ୍ରବାସୀ ଭାରତୀୟଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ରେଲ୍‌ୱେ - ଏଫ୍.ୱାଇ.୨୫

ଭାରତ ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର ୬୮୧ଟି ରେଳ ଇଞ୍ଜିନ୍ ନିର୍ମାଣ କରି ଏକ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପ୍‌କୁ ପଛରେ ପକାଇଦେଇଛି । ରେଳ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ୨୦୨୩-୨୪ ଆର୍ଥିକ ବର୍ଷରେ ଦେଶରେ ୧ ହଜାର ୪୭୨ଟି ରେଳ ଇଞ୍ଜିନ୍ ନିର୍ମାଣ କରାଯାଇଥିବାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୯ ପ୍ରତିଶତ ଅଧିକ ଇଞ୍ଜିନ୍ ନିର୍ମାଣ କରାଯାଇପାରିଛି । ୧ ହଜାର ୬୮୧ଟି ରେଳ ଇଞ୍ଜିନ୍ ନିର୍ମାଣ କରାଯାଇ ଦେଶ ଏ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିଛି ।  ୨୦୧୪ ମସିହା ପରେ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ୯ ହଜାର ୧୬୮ଟି ରେଳ ଇଞ୍ଜିନ୍ ନିର୍ମାଣ କରାଯାଇଥିବା  ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଇଣ୍ଡିଆ-ଜାପାନ ଡାଇଲଗ୍

ଭାରତ-ଜାପାନ ମଧ୍ୟରେ ସପ୍ତମ ସାମୁଦ୍ରିକ ବ୍ୟାପାର ଆଲୋଚନା ଆଜି ଟୋକିଓ’ରେ ଅନୁଷ୍ଠିତ ହୋଇଛି । ବିଶ୍ୱର କଲ୍ୟାଣ ଓ ସମାବେଶୀ ବିକାଶପାଇଁ ନିରବଚ୍ଛିନ୍ନ ଅନୁକୂଳ ସାମୁଦ୍ରିକ ପରିବେଶ ସୃଷ୍ଟି କରିବା ସମ୍ପର୍କରେ

ଦୁଇଦେଶ ମଧ୍ୟରେ ଆଜି ଆଲୋଚନା ହୋଇଛି । ସାମୁଦ୍ରିକ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଥିବା ସହଯୋଗୀ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା ସମୟରେ ସମୀକ୍ଷା ହୋଇଥିଲା । ସାମୁଦ୍ରିକ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା, ବେଆଇନ ସାମୁଦ୍ରିକ କାର୍ଯ୍ୟକଳାପକୁ ରୋକିବା, ଏକ୍ଷେତ୍ରରେ ସାମର୍ଥ୍ୟ ବିକାଶ କରିବା ଆଦି ପ୍ରସଙ୍ଗରେ ଦୁଇଦେଶ ସହମତ ହୋଇଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍.ରେ ଆଜି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ୍ ଟାଇଟନ୍ସ ମଧ୍ୟରେ ଆଉ କିଛି ସମୟ ପରେ ମୁକାବିଲା ହେବ । ବେଙ୍ଗାଲୁରୁର ଏମ୍. ଚିନାସ୍ୱାମୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଗୁଜରାଟ ଟାଇଟନ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଆସନ୍ତାକାଲି ସନ୍ଧ୍ୟା ସାଢ଼େ ୭ଟାରେ କୋଲ୍‌କାତାର ଇଡେନ୍ ଗାର୍ଡେନ୍‌ଠରେ କୋଲ୍‌କାତା ନାଇଟ୍ ରାଇଡର୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ ।

*****